Chapter- 12

# ମାଟି

**STUDY NOTES**

## MIND MAP



ମାଟିଆମର ମାଆ । ଆମେ ତାର ନାମ ରଖିବା । ସେ ହସି ଉଠିବ । କୁମ୍ଭାରଘର ବୋହୂ ଜାଳପାଇଁ ଯାଏ ନ ହେଲେ ମାଟି ପାଇଁ ଯାଏ । ସେ ମାଟିରେ ହାଣ୍ଡି, ମାଠିଆ, ପଲମ ଇତ୍ୟାଦି ଗଢ଼ି ହାଟ ବଜାରରେ ବିକେ । ଏ ହେଉଛି ତାର କୁଳବେଉସା । ମାଟିରେ ଚାଷି ଫସଲ କରେ ଦାନା ଯୋଗାଏ, ମଣିଷ ଏଠି ଜନମ ନିଏ, ମାଟିରେ ମରିଶେଷ ହୁଏ, ମାଟି ତାକୁ କୋଳେଇ ନେଇଥାଏ । ମାଟି କେତେ ଦୁଃଖ, କଷ୍ଟ ସହେ ହେଲେ କେବେ ମନା କରେନି । ସେ ସର୍ବସହଣୀ ଆମକୁ ଆଦରର ସହ ପାଳନ କରେ । ଚିତ୍ରକର ହାତ ବାଜିଲେ ମୂର୍ତ୍ତୀ ସୁନ୍ଦର ଦିଶେ । ଦେଖିଲେ ଆଖି ଲାଖିଯାଏ । ମାଟିରେ ଗଢୁଥିବା ମୂର୍ତ୍ତୀଟି ପାଇଁ ଚିତ୍ରକରଧନ୍ୟ ହୋଇଛି । କବି କବିତା ଲେଖେ । ତାର ଅଭୁଲା ଛବି ଦେଖିଲେ ପେଟ ପୂରି ଉଠେ । ତେଣୁ ମାଟି ପାଦଯୁଗଳରେ ନମସ୍କାର କରି ତାର ନାଆଁ ରଖିବା ।

ODM EDUCATIONAL GROUP
Changing your Tomorrow